# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**21 April - 2026**

**********************************

## ମୁଖ୍ୟ ସମ୍ବାଦ

- ପଛୁଆବର୍ଗଙ୍କ ସର୍ବାଙ୍ଗୀନ ବିକାଶ ହେଲେ ବିକଶିତ ରାଷ୍ଟ୍ର ଗଠନର ସ୍ୱପ୍ନ ପୂରଣ ହେବ; କହିଲେ ରାଷ୍ଟ୍ରପତି

— ରାଉରକେଲାରେ ୧୫୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଲୋକାର୍ପଣ

- ରାଜ୍ୟ ଏକକ ବାତାୟନ କମିଟି ବୈଠକରେ ୩ ହଜାର ୮୭୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୮ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

- ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି

ଏବଂ

- ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ରାଷ୍ଟ୍ରପତି

ଦେଶର କୃଷକ, ଶ୍ରମିକ, ଆଦିବାସୀ ଓ ବଂଚିତବର୍ଗଙ୍କ ପ୍ରୟାସ ଓ ନିଷ୍ଠା ବଳରେ ଅଗ୍ରଗତି ହୋଇପାରିବ। ଏଥିପାଇଁ ପଛୁଆ ବର୍ଗର ସର୍ବାଙ୍ଗିନ ବିକାଶ ହେଲେ ବିକଶିତ ରାଷ୍ଟ୍ର ଗଠନର ସ୍ୱପ୍ନ ପୂରଣ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ସେକ୍ଟର-୧୩ ପଡିଆରେ ଅନୁଷ୍ଠିତ ଆଦିପର୍ବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାକୁ ପରିପୂର୍ଣ୍ଣ କରିଛି। ସୁନ୍ଦରଗଡ଼ କେବଳ ସଂସ୍କୃତି ପାଇଁ ନୁହେଁ; ବରଂ ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜର ଯୋଗଦାନ ପାଇଁ ମଧ୍ୟ ସ୍ମରଣୀୟ। ବିପ୍ଲବୀ ନିର୍ମଳ ମୁଣ୍ଡା ପ୍ରଜା ଆନ୍ଦୋଳନ ବା ଆମ୍‌କୋ-ସିମ୍‌କୋ ବିଦ୍ରୋହ ମାଧ୍ୟମରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। କ୍ରୀଡା କ୍ଷେତ୍ରରେ ମଧ୍ୟ ସୁନ୍ଦରଗଡ଼ର ଅବଦାନ ଅତୁଳନୀୟ। ବିଶେଷକରି ହକିରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସୁନ୍ଦରଗଡ଼ ଜିଲ୍ଲା ସମ୍ପୂର୍ଣ୍ଣ ଓଡ଼ିଶାକୁ ବିଶ୍ୱସ୍ତରରେ ଗର୍ବିତ କରିଛି। ଶ୍ରୀମତୀ ମୁର୍ମୁ କହିଛନ୍ତି, ଆଦିବାସୀଙ୍କ ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଶିକ୍ଷାର ପ୍ରସାର ପାଇଁ ଅଧିକରୁ ଅଧିକ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି।

**- V/O -(Prez)**

ରାଷ୍ଟ୍ରପତି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଉରକେଲାଠାରେ ୧୫୮ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିମଧ୍ୟରେ ପ୍ଲାନେଟୋରିୟମ୍ ଓ ବିଜ୍ଞାନକେନ୍ଦ୍ର, ନିର୍ମଳ ମୁଣ୍ଡା ପରିବେଶ ପଥ, ରାଉରକେଲା ଜନଜାତି ସଂଗ୍ରହାଳୟ ଓ ସମନ୍ୱିତ ଆଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ରହିଛି।

କାର୍ଯ୍ୟକ୍ରମରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଆଦିବାସୀମାନଙ୍କ କଳା ଓ ସଂସ୍କୃତିର ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଥିଲେ, ଆଗାମୀ ଦିନରେ ରାଉରକେଲାର ପର୍ଯ୍ୟଟନ ବିଭବ ଆହୁରି ଋଦ୍ଧିମନ୍ତ ହେବ। ରାଉରକେଲା ଏୟାରପୋର୍ଟର ବିସ୍ତାରକାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବା ସହ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସମ୍ପ୍ରସାରିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଏକକ ବାତାୟନ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ ଅନୁମୋଦନ କମିଟି ବୈଠକରେ ୩ ହଜାର ୮୭୭ କୋଟି ୧୪ ଲକ୍ଷ ଟଙ୍କାର ମୋଟ୍ ୧୮ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ପ୍ରତ୍ୟେକ୍ଷ ଓ

ପରୋକ୍ଷ ଭାବରେ ୭ ହଜାର ୫୬୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେବ ବୋଲି ଜଣାପଡିଛି।

## ହେମନ୍ତ ଶର୍ମା

ରାଜ୍ୟର ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ନୂତନ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି। ଏ ନେଇ ଜେଏସ୍‌ଡବ୍ଲ୍ୟୁ ଏବଂ ପୋସ୍‌କୋ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାର  ଏଥିପାଇଁ ଆବଶ୍ୟକ ଜମି ଯୋଗାଇଦେବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ସମୟରେ ଉପଲବ୍ଧ କରାଇବେ ବୋଲି ଶ୍ରୀ ଶର୍ମା ସୂଚନା ଦେଇଛନ୍ତି।

## ପ୍ରକଳ୍ପ ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ କାରଣରୁ ଅବହେଳା କରି କାର୍ଯ୍ୟ ସାରି ନଥିବା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍ ଶୀଘ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ବେଲପାହାଡ ପୌରାଞ୍ଚଳ ଗସ୍ତ କରି ଅଟକିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

## କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ବାଚସ୍ପତି ସମ୍ମିଳନୀ

ଚାରିଟି ରାଜ୍ୟର ବିଧାନସଭା ବାଚସ୍ପତିମାନଙ୍କ ସମ୍ମିଳନୀ ଆଜି ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀକୁ ନେଇ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶା ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ନାଗାଲାଣ୍ଡର ବାଚସ୍ପତିମାନେ ଯୋଗଦେଇଥିଲେ। ଏଥିସହିତ ସ୍ୱେଚ୍ଛାକୃତ ଭାବେ ନିଜ ଦଳର ସଦସ୍ୟତା ତ୍ୟାଗ କରିବା କିମ୍ବା ପାର୍ଟି ହ୍ୱିପ୍ ବିରୋଧରେ ଭୋଟ ଦେବା ଅଥବା ଅନୁପସ୍ଥିତ ରହିବା ନେଇ ବୈଠକରେ ସମୀକ୍ଷା ହୋଇଥିଲା। ବର୍ତ୍ତମାନର ପରିସ୍ଥିତିକୁ ନେଇ ଆଇନ୍‌ର ସଂଶୋଧନ ଉପରେ ଆଲୋଚନା ହୋଇଥିବା ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ତଥା କମିଟି ଅଧ୍ୟକ୍ଷ **ରାହୁଲ ସୁରେଶ ନାରୱେକର** କହିଛନ୍ତି...

**- V/O –**

## କୋଷ୍ଟାଲ ମାରାଥନ

ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ଠାରେ ଆସନ୍ତାକାଲି ଓଡ଼ିଶା ଖଣି ନିଗମ ଦ୍ୱାରା ଆୟୋଜିତ ପୁରୀ କୋଷ୍ଟାଲ ମାରାଥନ-୨୦୨୬ର ଶୁଭାରମ୍ଭ ହେବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ନୂତନ ଟ୍ୟାଗ୍‌ଲାଇନ୍ ଉନ୍ମୋଚନ ହେବ।

## ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆସନ୍ତା ୨୭ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆସନ୍ତାକାଲି ଦିନ ୧୧ଟାରୁ ଆରମ୍ଭ ହେବ। ଇଚ୍ଛୁକ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ।

## ଏଲ୍‌ପିଜି ଯୋଗାଣ

ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ସମ୍ପର୍କିତ କଳାବଜାରୀ ରୋକିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଏ ନେଇ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି।

ରାଜ୍ୟର ଦୁଇ ହଜାର ୭ଶହ ୪୬ଟି ସ୍ଥାନରେ ଚଢ଼ାଉ କରାଯାଇ ୫ ହଜାର ୩୦୮ଟି ସିଲିଣ୍ଡର ଜବତ କରାଯାଇଛି । ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯିବା ସହ ୩୯୭ଟି ମାମଲା ରୁଜୁ ହୋଇଛି ।

## ସଦାଶିବ ତ୍ରିପାଠୀ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡାକ୍ତର ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲ ଛକରେ ଥିବା ଡାକ୍ତର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ଡାକ୍ତର ତ୍ରିପାଠୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

**ନବରଙ୍ଗପୁର** ପୌରପାଳିକା ସମ୍ମିଳନୀଗୃହରେ ଡାକ୍ତର ତ୍ରିପାଠୀଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ତ୍ରିପାଠୀ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

**ରାୟଗଡ଼ା** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଡା. ତ୍ରିପାଠୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

# ପ୍ରେଜ୍ ସିଭିଲ ସର୍ଭିସ୍ ଡେ

ଜାତୀୟ ଲୋକସେବା ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦିଲ୍ଲୀର ମେଟ୍‌କ୍ୟାଫ୍ ହାଉସ୍‌ରେ ପ୍ରଶାସନିକ ସେବାର ଶିକ୍ଷାନବୀଶ ଅଧିକାରୀମାନଙ୍କୁ ପ୍ରଥମ ଥର ସମ୍ବୋଧିତ କରିଥିଲେ । ସେହି ଦିନକୁ ସ୍ମରଣୀୟ କରିବା ସହିତ ଦେଶସେବା ପ୍ରତି  ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆଜି ୨୭ଟି ଜିଲ୍ଲାରେ ୧ ହଜାରରୁ ଊର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏହି ପଦକ୍ଷେପ ସହାୟକ ହେବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ବିବାହର ସମସ୍ତ ଖର୍ଚ୍ଚ ବହନ କରାଯିବା ସହ ପ୍ରତ୍ୟେକ ବିବାହ ପାଇଁ ୬୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି  ।

**ସମ୍ବଲପୁର** ଜିଲ୍ଲା ମହାନଗର ତଥା ୯ଟି ବ୍ଲକ୍‌ରୁ ୨୨ ଯୋଡା ବରକନ୍ୟାଙ୍କ ବିବାହ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲା ପଠାଣିସାମନ୍ତ ସଂସ୍କୃତି ଭବନ ପରିସରରେ ୨୨ ଯୋଡି ବରକନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି ।

**ନବରଙ୍ଗପୁର** ଜିଲ୍ଲାରେ ୨୮ ଯୋଡା ବରକନ୍ୟାଙ୍କ ଶୁଭବିବାହ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ନବଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ ।

**ଯାଜପୁର, ଦେବଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ୩୮ ଯୋଡି ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଯାଇଛି ।

**ପୁରୀ** ବଗଲା ଧର୍ମଶାଳା ପରିସରରେ ୬୭ ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଯାଇଛି ।

**ମାଲକାନଗିରି** ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୭ ଯୋଡା ନବଦମ୍ପତିଙ୍କ ବିବାହ ହୋଇଯାଇଛି ।

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ୧୭ ଯୋଡି ଦମ୍ପତିଙ୍କ ସାମୂହିକ ବିବାହା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧୧ ଜଣ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି ।

**କେନ୍ଦ୍ରାପଡା** ଜିଲ୍ଲାରେ ମଧ୍ୟ ୩୩ ଜଣ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି ।

**ବଲାଙ୍ଗିର** ଜିଲ୍ଲାରେ ୩୯ ଯୋଡା, **ଢେଙ୍କାନାଳ** ଜିଲ୍ଲାରେ ୨୮ ଯୋଡା ଏବଂ **ବରଗଡ଼** ଜିଲ୍ଲାରେ ୩୩ ଯୋଡା ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି ।

## ଗ୍ରୀଷ୍ମ ପାଠପଢ଼ା

ଆସନ୍ତା ଗ୍ରୀଷ୍ମଛୁଟିରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ହ୍ୱାଟସ୍‌ଆପ୍ ମାଧ୍ୟମରେ ସମର ଲର୍ଣ୍ଣିଂ ବ୍ୟବସ୍ଥା କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଭାବକଙ୍କ ହ୍ୱାଟ୍ସଆପ୍ ଜରିଆରେ ଛାତ୍ରଛାତ୍ରୀଙ୍କୁ  ଶିକ୍ଷଣ କାର୍ଯ୍ୟ ଦିଆଯିବାକୁ ଚିଠିରେ ଉଲ୍ଲେଖ ରହିଛି । ଆସନ୍ତା ୨୫ ତାରିଖ ସୁଦ୍ଧା ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରିବାକୁ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଗ୍ରୀଷ୍ମପ୍ରକୋପ-ସ୍କୁଲ ଛୁଟି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାପାଇଁ ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଗତ କିଛିଦିନ ଧରି ବିଭିନ୍ନ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ବିଭିନ୍ନ ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି ।

**ବଲାଙ୍ଗିର** ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନର ଛୁଟି ଅବଧିକୁ  ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ଅପରପକ୍ଷରେ, ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।